# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 03 December – 2025

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଶିକ୍ଷକ ନିଯୁକ୍ତି ଦାବିର ଅନୁଶୀଳନ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି; ବିଧାନସଭାରେ କହିଲେ ମୁଖ୍ୟମନ୍ତ୍ରୀ
- ଗୃହରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ୍ ୨୦୨୫ ଉପରେ ଜାରି ରହିଛି ଆଲୋଚନା
- ମୋବାଇଲ୍ ନିର୍ମାତାଙ୍କ ପାଇଁ 'ସଂଚାର ସାଥି' ଆପ୍‌ର ପୂର୍ବରୁ-ଇନ୍‌ଷ୍ଟଲେସନ୍ ବାଧ୍ୟତାମୂଳକ ନୁହେଁ; ସ୍ପଷ୍ଟ କଲେ ସରକାର

ଏବଂ

- ରାଜ୍ୟରେ ଆସନ୍ତା ଫେବୃୟାରୀ ୧୮ ତାରିଖରୁ ଆରମ୍ଭ ହେବ ଯୁକ୍ତ ଦୁଇ ପରୀକ୍ଷା

## ବିଧାନସଭା-୧

ରାଜ୍ୟର ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନରେ ଖାଲି ପଡିଥିବା ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ପଦବୀ ପୂରଣ ପାଇଁ ହୋଇଆସୁଥିବା ଦାବିର ଅନୁଶୀଳନ ନିମନ୍ତେ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭାରେ ଆଜି ଶ୍ରୀ ମାଝୀ କହିଛନ୍ତି, ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି। ଏହି କମିଟି ଆସନ୍ତା ୬ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନରେ ଆଜି ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ୍ ୨୦୨୫ ଉପରେ ଆଲୋଚନା ଜାରି ରହିଛି। ବିଲ୍ ଉପରେ ବିରୋଧୀ ଦଳ ପକ୍ଷରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗଣେଶ୍ୱର ବେହେରା, ସାରଦା ଜେନା ଓ ଧ୍ରୁବଚରଣ ସାହୁ ପ୍ରମୁଖ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ଶାସକ ଦଳ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ବିଲ୍ ସମ୍ପର୍କରେ ଗୃହରେ ଉତ୍ତର ରଖୁଛନ୍ତି।

## ସଞ୍ଚାରସାଥି ଆପ୍

ସଞ୍ଚାରସାଥି ଆପ୍‌ର ବର୍ଦ୍ଧିତ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମୋବାଇଲ୍ ନିର୍ମାତାଙ୍କ ପାଇଁ ଏହି ଆପ୍‌ର ପ୍ରି-ଇନ୍‌ଷ୍ଟଲେସନ୍ ବାଧ୍ୟତାମୂଳକ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସରକାର ସ୍ପଷ୍ଟ କରିଛନ୍ତି ନାଗରିକମାନେ ଯେତେବେଳେ ଚାହିଁବେ ଏହି ଆପ୍‌କୁ ମୋବାଇଲ୍‌ରୁ ଅନ୍‌ଇନ୍‌ଷ୍ଟଲ୍ କରିପାରିବେ। କେନ୍ଦ୍ର ସଞ୍ଚାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ଏ ପର୍ଯ୍ୟନ୍ତ ୧ କୋଟି ୪୦ ଲକ୍ଷ ବ୍ୟବହାରକାରୀ ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିଛନ୍ତି । ପ୍ରତିଦିନ ୨ ହଜାର ଠକେଇ ଘଟଣା ଘଟୁଥିବାର ଏହି ମୋବାଇଲ୍ ଆପ୍ଲିକେସନ୍‌ରେ ରିପୋର୍ଟ୍ କରାଯାଇଛି ।

ଗୋଟିଏ ଦିନରେ ୬ ଲକ୍ଷ ନାଗରିକ ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିବା ପାଇଁ ପଞ୍ଜୀକରଣ କରିଛନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଆପ୍‌ଟି ସୁରକ୍ଷିତ ଏବଂ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ରାଷ୍ଟ୍ରପତି-ଭିନ୍ନକ୍ଷମ

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଭିନ୍ନକ୍ଷମ ସଶକ୍ତୀକରଣ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ତଥା ପ୍ରତିଷ୍ଠାନମାନଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ମୁର୍ମୁ କହିଛନ୍ତି, ଦିବ୍ୟାଙ୍ଗଙ୍କୁ ସମାନ ଭାବରେ ସମ୍ମାନ ପ୍ରଦର୍ଶନ କଲେ ସମାଜକୁ ପ୍ରକୃତ ଅର୍ଥରେ ବିକଶିତ

କୁହାଯାଇ ପାରିବ। ସମାଜରେ ଦିବ୍ୟାଙ୍ଗଙ୍କୁ ଉଚିତ୍ ମର୍ଯ୍ୟାଦା ପ୍ରଦାନ ନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି।

ଏହି ଅବସରରେ ଓଡ଼ିଶାର ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କମିଶନର ବ୍ରତତୀ ହରିଚନ୍ଦନଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି।

## ବାୟୁ ସ୍ୱାସ୍ଥ୍ୟସେବା ଯୋଜନା

ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ ମାଲକାନଗିରି ଜିଲ୍ଲାରେ କଟକ ଏସ୍‌ସିବି ମେଡିକାଲ କଲେଜ୍ ଓ ହସ୍‌ପିଟାଲର ବିଶେଷଜ୍ଞ ଡାକ୍ତରମାନେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ଏଥିପାଇଁ ଜିଲ୍ଲାର ବିଭିନ୍ନ ଅଂଚଳରୁ ୫୦୦ରୁ ଅଧିକ ରୋଗୀ ପଞ୍ଜୀକରଣ କରିଥିବା ଜଣାପଡିଛି।

## ଜିଲ୍ଲା ଗସ୍ତ

ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ, ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। କାଲିମେଳା ବ୍ଲକ୍‌ର ଏମ୍‌ଭି-୩୯ ମେଗା ପାଇପ୍ ଜଳଯୋଗାଣ କାର୍ଯ୍ୟ ତଦାରଖ କରିବା ସହିତ ଆସନ୍ତା ୧ ମାସ ମଧ୍ୟରେ ବଳକା କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ନାୟକ ବ୍ଲକ୍ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେବେ।

## ଯୁକ୍ତଦୁଇ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ବାର୍ଷିକ ପରୀକ୍ଷା ଆସନ୍ତା ଫେବୃୟାରୀ ମାସ ୧୮ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ୪ ଲକ୍ଷ ୭ ହଜାର ୩୭ ଜଣ ପରୀକ୍ଷାର୍ଥୀ ୧ ହଜାର ୩୫୦ଟି କେନ୍ଦ୍ରରେ ପରୀକ୍ଷା ଦେବେ। ଚଳିତମାସ ୧୫ ତାରିଖ ସୁଦ୍ଧା ଛାତ୍ରଛାତ୍ରୀଙ୍କୁ ପ୍ରବେଶପତ୍ର ପ୍ରଦାନ କରାଯିବ। ବୋର୍ଡ ପରୀକ୍ଷାରେ ପ୍ରଥମ ଥର ପାଇଁ ୱେବ୍‌କାଷ୍ଟିଂ, ସିସିଟିଭି ଓ ଲାଇଭ୍ ଷ୍ଟ୍ରିମିଂ ସହ ଏଆଇ କ୍ୟାମେରା ନଜରରେ ୨୧୦ଟି କେନ୍ଦ୍ର ରହିବ ବୋଲି ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ କହିଛନ୍ତି।

**- V/O - (ମୃଣାଳକାନ୍ତି ଦାସ)**

ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ଣ ଦୁଇଟା ପର୍ଯ୍ୟନ୍ତ ଚାଲିବ।

# ଖରିଫ୍ ଧାନ

**ନୂଆପଡ଼ା** ଜିଲ୍ଲା ଖରିଆର ରୋଡ ନିୟନ୍ତ୍ରଣ ବଜାର କମିଟି ପରିସରରେ ଖରିଫ୍ ଧାନ କ୍ରୟ ନେଇ ମଣ୍ଡି ଆରମ୍ଭ ହୋଇଛି। ଜିଲ୍ଲାପାଳ ମଧୁସୂଦନ ଦାସ ଚାଷୀମାନଙ୍କୁ  ଟୋକନ ଜରିଆରେ ଧାନ ବିକ୍ରି କରିବାକୁ ଆହ୍ୱାନ ଦେଇଛନ୍ତି।

# ତଥ୍ୟାବଳୀ ଯାତ୍ରା

**ଦେବଗଡ଼** ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ରିଆମାଳ ବ୍ଲକ୍ ସିଆରୀମାଳିଆ ଗ୍ରାମ ଖେଳପଡିଆଠାରେ ଭୂ-ସମ୍ପଦ ତଥ୍ୟାବଳୀ

ଯାତ୍ରାର ଶୁଭାରମ୍ଭ ହୋଇଛି । ଜିଲ୍ଲାର ବାରକୋଟ ଓ ରିଆମାଳ ବ୍ଲକ୍‌ର ୮ଟି ଗ୍ରାମପଞ୍ଚାୟତରେ ଭୂ-ସମ୍ପଦ ତଥ୍ୟାବଳୀ ରଥ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ । ଏହି କାର୍ଡ ବ୍ୟବହାର କରି ଚାଷୀମାନେ ଜମିର ଉପାଦେୟତା, ଉପଯୁକ୍ତ ଫସଲ, ମାଟି ସମସ୍ୟାର ଉପଚାର ସମ୍ପର୍କରେ ଜାଣିପାରିବେ ।

## ତାଲିମ୍ ଶିବିର

**ସମ୍ବଲପୁର** ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଏକ ଦିବସୀୟ ଜୁନିୟର ରେଡକ୍ରସ କାଉନ୍‌ସିଲର ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଛି । ଜିଲ୍ଲାର ଧନକଉଡା, ରେଙ୍ଗାଲି, ବାମରା ବ୍ଲକ୍‌ର ବିଭିନ୍ନ ଉଚ୍ଚବିଦ୍ୟାଳୟର ୭୦ ଜଣ କାଉନ୍‌ସିଲର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସ୍ୱାସ୍ଥ୍ୟସେବା ଓ ବିଶ୍ୱ ବନ୍ଧୁତାର ବାର୍ତ୍ତା ବହନ କରୁଥିବା ଏହି ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟସ୍ତରରେ ପ୍ରଶିକ୍ଷିତ ଜ୍ଞାନକୁ ପ୍ରୟୋଗ କରିବା ପାଇଁ ଉତ୍ସାହିତ କରାଯାଇଥିଲା ।

## ମହିଳା ସଶକ୍ତୀକରଣ

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ମହିଳା ସଶକ୍ତୀକରଣ ଉପରେ ଏକ ଜାତୀୟ ସମ୍ମାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଦକ୍ଷିଣ ଓଡ଼ିଶା ଇକୋନୋମିକ୍ ଆସୋସିଏସନ୍‌ର ସଭାପତି ତଥା ବନାରସ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ମୃତ୍ୟୁଞ୍ଜୟ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ସଶକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ।

## ତାଲିମ କାର୍ଯ୍ୟକ୍ରମ

**କେନ୍ଦ୍ରାପଡା** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ପ୍ରକୃତି ଓ ପ୍ରାକୃତିକ ପରିବେଶର ସ୍ଥାୟୀ ସୁରକ୍ଷା, ଅନୁକୂଳ ବାତାବରଣ ସୃଷ୍ଟି ଦିଗରେ ସମସ୍ତଙ୍କୁ ଆଗେଇ ଯିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନା ଥାଉକି, ୨୦୧୫ ମସିହାରେ ମିଳିତ ଜାତିସଂଘର ନ୍ୟୁୟର୍କ୍ ଅଧିବେଶନରେ ନିରନ୍ତର ବିକାଶ ନେଇ ଲକ୍ଷ୍ୟ ସ୍ଥିର କରାଯାଇଥିଲା।

## ସଚେତନତା ପଦଯାତ୍ରା

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକ୍ ବଡ଼ବୋରଡା ପଂଚାୟତ ପାଟୁଳି ସାହି ଆଖଣ୍ଡଳମଣି ମନ୍ଦିରଠାରେ ଭୂ-ସମ୍ପଦ ସଚେତନତା ପଦଯାତ୍ରା ଉଦ୍‌ଘାଟିତ ହୋଇଛି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳି ଚରଣ ବେହେରା ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜଳ ବିଭାଜିକା, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଏକ ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଥିଲା।

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମାର୍ଗଶୀର ମାସ ଶୁକ୍ଳ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୧୦ଟା

ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।